# NATIONAL NEWS BULLETIN (ODIA)
## 30th August - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଭାରତ ଓ ଉଜ୍‌ବେକିସ୍ତାନ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରଣନୀତିକ ସହଭାଗିତା ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ।

— ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫ ବିଲିୟନ୍ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କଲେ ଉଭୟ ଦେଶ ।

- ଉଜ୍‌ବେକିସ୍ତାନର ସର୍ବୋଚ୍ଚ ସମ୍ମାନ "ଓଲି ଦରଜାଲି ଦୋସ୍ତଲିକ୍'ରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ ।

- ପି.ଏମ୍. ସ୍ୱ-ନିଧି ଯୋଜନା ମାଧ୍ୟମରେ ମହିଳା ସଶକ୍ତୀକରଣ ସମ୍ଭବ ହୋଇପାରିଛି; ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ ।

- ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୭୬୮କୁ ବୃଦ୍ଧି; ୨ ହଜାର ୫ ଶହରୁ ଊର୍ଦ୍ଧ୍ୱ ଲୋକ ଏବେ ମଧ୍ୟ ନିଖୋଜ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଉ କିଛି ସମୟ ପରେ ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

## ପି.ଏମ୍. - ଉଜ୍‌ବେକିସ୍ତାନ ଭିଜିଟ୍

ଭାରତ ଏବଂ ଉଜ୍‌ବେକିସ୍ତାନ ସେମାନଙ୍କର ରଣନୀତିକ ସହଭାଗିତାକୁ ବ୍ୟାପକ ରଣନୀତିକ ସହଭାଗିତାରେ ପରିଣତ କରିବାପାଇଁ ଘୋଷଣା କରିଛନ୍ତି । ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା କ୍ଷେତ୍ରଗୁଡ଼ିକ ମଧ୍ୟରେ ଖଣି, ଆୟୁର୍ବେଦ, ପର୍ଯ୍ୟଟନ, ଅର୍ଥନୈତିକ ଓ ଆର୍ଥିକ ଆଲୋଚନା, ବ୍ୟାପକ ରଣନୀତିକ ସହଭାଗିତା, ଉଚ୍ଚଶିକ୍ଷା ଏବଂ ପରିବେଶ ଆଦି ରହିଛି । ଉଜ୍‌ବେକିସ୍ତାନ ଭାରତକୁ ଦୀର୍ଘକାଳୀନ ୟୁରାନିୟମ୍ ଯୋଗାଣପାଇଁ ବ୍ୟବସ୍ଥା ପ୍ରସ୍ତୁତ କରିବା ଓ ବିରଳ ମୃତ୍ତିକା ଖଣିଜ ପଦାର୍ଥର ଖନନପାଇଁ ସ୍ଥାନଗୁଡ଼ିକ ବିଷୟରେ ଆଲୋଚନା କରିବାକୁ ସହମତି ପ୍ରକାଶ କରିଛି । ଉଭୟ ଦେଶ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫ ବିଲିୟନ୍ ଡଲାରରେ ପହଞ୍ଚାଇବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଆତଙ୍କବାଦ, ଉଗ୍ରବାଦ ଏବଂ ବିଚ୍ଛିନ୍ନତାବାଦ

ବିରୋଧରେ ଦୁଇଦେଶ ଶୂନ୍ୟ ସହନଶୀଳତା ନୀତିକୁ ସମର୍ଥନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - Terrorism)*** :.......

ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ କେନ୍ଦ୍ରୀୟ ଏସିଆ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭକାତ ମିର୍ଜିଓ-ୟେଭ୍'ଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଥିଲେ । ବାଣିଜ୍ୟ ଓ ବିନିଯୋଗ, ଭିତ୍ତିଭୂମି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ପ୍ରତିରକ୍ଷା, ନବସୃଜନ, କୃଷି, ଫାର୍ମାସିଉଟିକାଲ୍ସ, ସ୍ୱାସ୍ଥ୍ୟ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ର ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା ।

ଉଜ୍‌ବେକିସ୍ତାନକୁ ଅଧ୍ୟୟନପାଇଁ ଏବଂ ସାଂସ୍କୃତିକ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଯାଉଥିବା ଦେଶର ଯୁବପିଢ଼ିଙ୍କ ସପକ୍ଷରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ତାସ୍‌କେଣ୍ଟ ୟୁନିଭରସିଟି ଅଫ୍ ଓରିଏଣ୍ଟାଲ୍ ଷ୍ଟଡିଜ୍'ରେ ଏକ ସଂସ୍କୃତ ଚେୟାର୍ ପ୍ରତିଷ୍ଠା ସହ ହିନ୍ଦୀ ଭାଷାପାଇଁ ୧୦୦ଟି ଲାଲ୍ ବାହାଦୁର ଶାସ୍ତ୍ରୀ ଛାତ୍ରବୃତ୍ତି ଘୋଷଣା କରାଯାଇଛି ।

ଉଭୟ ଦେଶ କ୍ରୀଡ଼ା କ୍ଷେତ୍ରର ପ୍ରସାର ନିମନ୍ତେ ସହଯୋଗପାଇଁ କାର୍ଯ୍ୟ କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Strategic Partnership)*** :.......

ଉଜ୍‌ବେକିସ୍ତାନରେ ବ୍ୟାବସାୟିକ ଦେଣନେଣପାଇଁ ଭାରତର ୟୁ.ପି.ଆଇ. ଆପ୍‌ଗୁଡ଼ିକୁ ସେଠାକାର ଜାତୀୟ QRକୁ ସ୍କାନ୍ କରିବାକୁ ସକ୍ଷମ କରିବାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏତଦ୍‌ବ୍ୟତୀତ ଉଜ୍‌ବେକିସ୍ତାନର ଫାୟାଜ୍‌ଟେପା ଓ କାରାଟେପା ବୌଦ୍ଧସ୍ଥଳୀଗୁଡ଼ିକର ପୁନରୁଦ୍ଧାର ଏବଂ ସଂରକ୍ଷଣପାଇଁ ଉଭୟ ଦେଶ ମଧ୍ୟରେ ସହମତି ପ୍ରକାଶ ପାଇଛି ।

## ଉଜ୍‌ବେକିସ୍ତାନ - ପି.ଏମ୍. ଆୱାର୍ଡ଼

ଭାରତ ଓ ଉଜ୍‌ବେକିସ୍ତାନ ମଧ୍ୟରେ ସହଯୋଗ ବୃଦ୍ଧିପାଇଁ ଉଲ୍ଲେଖନୀୟ କାର୍ଯ୍ୟ ଏବଂ ପ୍ରୟାସ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଜ୍‌ବେକିସ୍ତାନର ସର୍ବୋଚ୍ଚ ସମ୍ମାନ 'ଓଲି ଦରଜାଲି ଦୋସ୍ତଲିକ୍'ରେ ସମ୍ମାନିତ କରାଯାଇଛି । ବିଦେଶର ନେତାମାନଙ୍କପାଇଁ ଉଜ୍‌ବେକିସ୍ତାନର ଏହା ସର୍ବୋଚ୍ଚ ସମ୍ମାନ, ଯାହାର ଅର୍ଥ ହେଉଛି "ସର୍ବୋଚ୍ଚ ସ୍ତରର ବନ୍ଧୁତା" । ଏହି ସର୍ବୋଚ୍ଚ ସମ୍ମାନ କେବଳ ରାଷ୍ଟ୍ରମୁଖ୍ୟ, ସରକାରୀ ମୁଖ୍ୟ ଏବଂ ସମକକ୍ଷ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱଙ୍କପାଇଁ ସଂରକ୍ଷିତ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉଜ୍‌ବେକିସ୍ତାନର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିବାରୁ କେନ୍ଦ୍ରମନ୍ତ୍ରୀମାନେ ଶ୍ରୀ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ

ସିଂହ କହିଛନ୍ତି, ଏହି ସ୍ମରଣୀୟ ସ୍ୱୀକୃତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଭାରତ ଓ ଉଜ୍‌ବେକିସ୍ତାନ ମଧ୍ୟରେ ରହିଥିବା ଦୀର୍ଘଦିନର ବନ୍ଧୁତାକୁ ସଶକ୍ତ କରିବାପାଇଁ ତାଙ୍କ ଦୃଢ଼ ପ୍ରୟାସର ପ୍ରମାଣ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହାକୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ କୂଟନୈତିକ ନୀତି ନୂତନ ସୀମା ସ୍ଥାପନ କରୁଛି, ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ସୁଦୃଢ଼ କରୁଛି ଏବଂ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ମଜବୁତ କରି ମାନବ ସମାଜର କଲ୍ୟାଣପାଇଁ ଭାରତୀୟ ସଭ୍ୟତାର ଲକ୍ଷ୍ୟକୁ ଆଗକୁ ବଢ଼ାଉଛି ।

## ମନ୍ କୀ ବାତ୍

ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ଅଭିଯାନ ଦେଶବ୍ୟାପୀ ତ୍ୱରାନ୍ୱିତ ହୋଇଛି ବୋଲି ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନିଶାମୁକ୍ତ ଯୁବ ଏବଂ ନିଶାମୁକ୍ତ ଭାରତ କେବଳ ଏକ ଅଭିଯାନରେ ସୀମିତ ହୋଇ ରହି ନାହିଁ; ବରଂ ବହୁ ସଂଖ୍ୟାରେ ଯୁବପିଢ଼ି ଏଥିରେ ସାମିଲ ହୋଇଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା ମାଧ୍ୟମରେ ମହିଳା ଅଧିକ ସଶକ୍ତ ହେଉଛନ୍ତି । ଦେଶବ୍ୟାପୀ ପ୍ରାୟ ୩୫ଲକ୍ଷ ମହିଳା ଏହି ଯୋଜନା ସହ ସାମିଲ

ହୋଇ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କେତେକ ମହିଳା ହିତାଧିକାରୀଙ୍କ ଉପରେ ଆଲୋକପାତ କରିଥିଲେ ।

ସ୍ୱଚ୍ଛତା ସମ୍ପର୍କରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱଚ୍ଛତାକୁ ଏକ ସଂକଳ୍ପ ଭାବେ ଗ୍ରହଣ କଲେ ସ୍ଥାନୀୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇଥାଏ । ଏହି ଅବସରରେ ଶ୍ରୀ ମୋଦୀ ଓଡ଼ିଶାର ସମ୍ବଲପୁର ଜିଲ୍ଲାସ୍ଥିତ ଡେବ୍ରିଗଡ ଅଞ୍ଚଳର ଧୋଡକୁସୁମର ମୈଥିଲି ଭୁଏଙ୍କ ଉପରେ ଆଲୋକପାତ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ଦିବସ ଏବଂ ଜାତୀୟ ମହାକାଶ ଦିବସ ପ୍ରତ୍ୟେକ ନାଗରିକଙ୍କୁ ଗର୍ବିତ କରିଛି। ହର୍ ଘର୍ ତିରଙ୍ଗା ଅଭିଯାନ ଏହି ଭାବନାକୁ ଅଧିକ ସଶକ୍ତ କରିଛି। ଚଳିତବର୍ଷ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ହେଉଥିବାରୁ ହର୍‌ଘର ତିରଙ୍ଗା ଅଭିଯାନ ସ୍ୱତନ୍ତ୍ର ଥିଲା। ଚଳିତବର୍ଷ ୮ କୋଟିରୁ ଅଧିକ ତ୍ରିରଙ୍ଗା ସେଲ୍‌ଫି ଅପ୍‌ଲୋଡ ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି ।

ଆଗାମୀ ପାର୍ବଣ ଋତୁରେ ଜନ୍ମାଷ୍ଟମୀ, ବିଶ୍ୱକର୍ମା ପୂଜା, ଗଣେଶ ପୂଜା ଆଦି ପଡୁଥିବାରୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପାର୍ବଣ ଋତୁରେ ଭୋକାଲ ଫର୍ ଲୋକାଲକୁ ଆପଣେଇବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ପ୍ରେସିଡେଣ୍ଟ - ନିଫ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଫ୍ୟାଶନ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ-ନିଫ୍ଟ'ର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଏହି ଉତ୍ସବରେ ସମଗ୍ର ଦେଶର ୧୮ଟି ନିଫ୍ଟ କ୍ୟାମ୍ପସ୍‌ର ସ୍ନାତକ ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରାଯିବ ।

## ଓଭରାଲ୍ ନେପାଳ ଫ୍ଲଡ୍

ନେପାଳରେ ଆକସ୍ମିକ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭୬୮କୁ ବୃଦ୍ଧି ପାଇଛି । ଆହୁରି ଅନେକ ମୃତଦେହ ଉଦ୍ଧାର କରାଯାଉଛି । ବିପର୍ଯ୍ୟୟ ପରେ ୨ ହଜାର ୫ ଶହରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଅଛନ୍ତି । ବିପର୍ଯ୍ୟୟର ପଞ୍ଚମ ଦିନରେ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ କରିବା ଏବଂ ଅଟକି ରହିଥିବା ଲୋକଙ୍କୁ ଉଦ୍ଧାର କରିବାପାଇଁ ଉଦ୍ଧାରକାରୀ ଦଳ ପ୍ରୟାସ ଜାରି ରଖିଛନ୍ତି । ନେପାଳର ରାଷ୍ଟ୍ରୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସୂଚନା ଦେଇ କହିଛି, ଉଦ୍ଧାରକାରୀମାନେ ଏପର୍ଯ୍ୟନ୍ତ ପ୍ରଭାବିତ ଜିଲ୍ଲାଗୁଡ଼ିକରୁ ୨୨୭

ଜଣ ବିଦେଶୀଙ୍କ ସମେତ ୮ ହଜାର ୧୮୬ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଏପର୍ଯ୍ୟନ୍ତ ୧୦୮ ଜଣ ଭାରତୀୟ ନାଗରିକଙ୍କୁ ଉଦ୍ଧାର କରାଯାଇଛି । ପୂର୍ବରୁ ସନ୍ଧାନ ମିଳୁ ନ ଥିବା ୫୦ ଜଣ ଭାରତୀୟ ନାଗରିକଙ୍କ ସହ ପୁନଃ ଯୋଗାଯୋଗ ସ୍ଥାପନ କରାଯାଇଛି । ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୭୫ ଜଣ ଭାରତୀୟ ନାଗରିକ ନିଖୋଜ ଥିବା ସୂଚନା ମିଳିଛି । ଏତଦ୍‌ବ୍ୟତୀତ ପ୍ରାୟ ୧୨୮ ଜଣ ଭାରତୀୟ ବଂଶୋଦ୍ଭବ ଅନ୍ୟ ଦେଶର ନାଗରିକ ନିଖୋଜ ଥିବା ଜଣାପଡ଼ିଛି । ଗତ ଦୁଇଦିନ ମଧ୍ୟରେ ୫୯୮ ଜଣ ଭାରତୀୟ ନାଗରିକ ଚୀନ୍‌ରୁ ନେପାଳକୁ ପ୍ରବେଶ କରିଛନ୍ତି । ଅନ୍ୟପକ୍ଷରେ ଚୀନ୍‌ରୁ ପ୍ରସ୍ଥାନ କରି ନ ଥିବା ୯ ଶହ ଜଣ ଭାରତୀୟ ନାଗରିକ ସୁରକ୍ଷିତ ଅଛନ୍ତି ଏବଂ ବେଜିଂରେ ଥିବା ଭାରତୀୟ ଦୂତାବାସ ସେମାନଙ୍କ ସହ ଯୋଗାଯୋଗରେ ରହିଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବନ୍ୟା ପ୍ରଭାବିତଙ୍କ ଆଶୁ ଉଦ୍ଧାର ଏବଂ ସହାୟତା ପାଇଁ ଭାରତ ସରକାର ନେପାଳ ଓ ଚୀନ୍ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି । ଭାରତରୁ ୧୧ ଟନ୍ ରିଲିଫ୍ ସାମଗ୍ରୀ ନେଇ ଚତୁର୍ଥ ବିମାନ କାଠମାଣ୍ଡୁରେ ଅବତରଣ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସୂଚନା ଅନୁସାରେ ସେହି ବିମାନରେ ନେପାଳରେ ଜାରି ରହିଥିବା ଉଦ୍ଧାର ଓ ସହାୟତା ସମର୍ଥନପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ

ବୈଷୟିକ କ୍ଷମତାସମ୍ପନ୍ନ ଦଳ ପଠାଯାଇଛି । ପୂର୍ବରୁ ଭାରତ ୩ଟି ବିମାନରେ ୫୭ ଟନ୍‌ରୁ ଅଧିକ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ ପଠାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଡବ୍ଲ୍ୟୁ.ଏଚ୍.ଓ. - ଆସିଷ୍ଟାନ୍ସ ଟୁ ନେପାଳ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ନେପାଳରେ ଭୟାବହ ଆକସ୍ମିକ ବନ୍ୟା ପ୍ରଭାବିତଙ୍କପାଇଁ ଦେଢ଼ଲକ୍ଷ ଆମେରିକୀୟ ଡଲାର ସହାୟତା ରାଶି ମଞ୍ଜୁର କରିଛି । ଏହି ଅର୍ଥ ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ ସ୍ୱାସ୍ଥ୍ୟ ଜରୁରୀକାଳୀନ ପାଣ୍ଠିରୁ ପ୍ରଦାନ କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ’ ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ଡକ୍ଟର ନୀଳେଶ ବୁଦ୍ଧ କହିଛନ୍ତି, ଏହି ଜରୁରୀକାଳୀନ ପାଣ୍ଠି ନେପାଳରେ ଉଦ୍ଧାର ଓ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବ । ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ପ୍ରୟାସ ମାଧ୍ୟମରେ ନେପାଳକୁ ସହଯୋଗପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି ।

## ଆଇସ୍‌ଲ୍ୟାଣ୍ଡ-ଇ.ୟୁ. ପ୍ରପୋଜାଲ୍ ରିଜେକ୍ଟ

ଆଇସ୍‌ଲ୍ୟାଣ୍ଡର ଭୋଟର୍‌ମାନେ ୟୁରୋପୀୟ ସଂଘରେ ସାମିଲ୍ ହେବା ସଂକ୍ରାନ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ୟୁରୋପୀୟ ସଂଘ ସଦସ୍ୟତାକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିତର୍କର ଅନ୍ତ ଘଟିଛି । ଦେଶର ଜାତୀୟ ପ୍ରସାରଣକାରୀ ସଂସ୍ଥା ଅନୁସାରେ ପ୍ରାୟ ୫୩ ପ୍ରତିଶତ ଭୋଟର୍ ସଦସ୍ୟତା ଆଲୋଚନା ପୁନଃ ଆରମ୍ଭ ସଂକ୍ରାନ୍ତ ସରକାରଙ୍କ ପ୍ରସ୍ତାବକୁ ବିରୋଧ କରିଛନ୍ତି । ଗ୍ରୀନ୍‌ଲ୍ୟାଣ୍ଡକୁ ନିୟନ୍ତ୍ରଣ କରିବାପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ବାରମ୍ବାର ମିଳୁଥିବା ଧମକ ମଧ୍ୟରେ ଗତକାଲି ଏହି ଗଣଭୋଟ୍ ଅନୁଷ୍ଠିତ ହୋଇଥିଲା ।

## ୱିମେନ୍ - ଟି-ଟ୍ୱେଣ୍ଟି

ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ତା'ର ଅଭିଯାନ ଆରମ୍ଭ କରିବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଭାରତ' ଥାଇଲାଣ୍ଡକୁ ଭେଟିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଶେଷଥରପାଇଁ ୨୦୨୪ ସଂସ୍କରଣର ଫାଇନାଲ୍‌ରେ ଶ୍ରୀଲଙ୍କା ନିକଟରୁ ପରାସ୍ତ ହୋଇ ଭାରତ

ରନର୍ସଅପ୍ ହୋଇଥିଲା । ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଟ୍ରଫି ପାଇଁ ୪ ବର୍ଷ ଅପେକ୍ଷାର ଅନ୍ତ ଘଟାଇବାକୁ ଲକ୍ଷ୍ୟ ରଖିଛି । ଭାରତ ୨୦୧୨, ୨୦୧୬ ଏବଂ ୨୦୨୨ରେ ୩ଟି ଟାଇଟଲ୍ ହାସଲ କରିଛି । ଅନ୍ୟପକ୍ଷରେ ଶୁକ୍ରବାର ଦିନ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ହଂକଂକୁ ୬ ରନ୍‌ରେ ପରାସ୍ତ କରିଥିବାବେଳେ ଆଜି ଭାରତକୁ ଭେଟିବ ।

*****